# .. ଶ୍ରୀ ମଙ୍ଗଳା ସ୍ତୁତି ..

ଜୟ ଜୟ ଜୟ ମାଗୋ ଜଗତ ବନ୍ଦନୀ | ଜୟ ଜୟ ଜୟ ମାଗୋ ବିଘ୍ନ ବିନାଶିନୀ |୧|
ଜୟ ଜୟ ଜୟ ମାଗୋ ତ୍ରିପୁର ମୋହିନୀ | ଜୟ ଜୟ ଜୟ ମାଗୋ ସଙ୍କଟ ତାରିଣୀ |୨|
ଜୟ ଜୟ ଜୟ ମାଗୋ ନିର୍ମୁଣ୍ଡ ମାଳିନୀ | ଜୟ ଜୟ ଜୟ ମାଗୋ ଶଙ୍କର ଭବାନୀ |୩|
ଜୟ ଜୟ ଜୟ ମାଗୋ ତ୍ରିତାପ ହାରିଣୀ | ଜୟ ମାତା ତୋ ଦୟାରୁ ମୂର୍ଖ ହୁଏ ଗୁଣୀ(ଜ୍ଞାନୀ) |୪|
ଜୟ ତୁ ମଙ୍ଗଳା ମାଗୋ ଜୟ ହର ଚଣ୍ଡୀ | ତୋତେ ସୁମରିଲେ ମାତ(ମାଗୋ) ଦୁରିତ ଯେ ଖଣ୍ଡି |୫|
ବିପଦ କାଳରେ ସୁମରନ୍ତି ଯେଉଁ ଜନ | ମହାଘୋର ସଙ୍କଟରୁ ଫିଟାଉ ବନ୍ଧନ |୬|
ଅଦୃଶ୍ୟକୁ ଦୃଶ୍ୟ ହୁଏ ତୋ ନାମ ଧରିଲେ | ବିପତ୍ତି ନଥାଏ ମାଗୋ ତୋତେ ସୁମରିଲେ |୭|
ତୋହର ଯେ ନାମମାନ ଯେହୁଁ ସୁମରଇ | କିଛି ହିଁ ସଙ୍କଟ ମାଗୋ ବିପତ୍ତି ନ ଥାଇ |୮|
ଅନାଥକୁ ଦୟା ମାଗୋ ଦୂବ କରୁ ଦାରୁ | ଦୁସ୍ତର ପଡିଲେ ମାଗୋ ପ୍ରାଣୀଙ୍କୁ ଉଦ୍ଧାରୁ |୯|
ଯେତେବେଳେ ପ୍ରାଣୀଙ୍କୁ ଯେ ପଡିଥାଏ କଷ୍ଟ | ତୋତେ ସୁମରିଲେ ମାଗୋ ଫିଟାଉ ସଙ୍କଟ |୧୦|
ଯେ ତୋହର ବାରବ୍ରତ ସବୁକରେ ନିତି | ପାଏ ସେହି ଧନ ଜନ ଅଚଳ ସମ୍ପତ୍ତି |୧୧|
ନମୋ ନାରାୟଣୀ ମାଗୋ ଅପର୍ନ ପାର୍ବତୀ | ଭ୍ରମଣ ତୁ(ଯେ) କରୁ ମାଗୋ ଅର୍ଦ୍ଧ ନିଶା ରାତି |୧୨|
ଚଣ୍ଡୀ ଯେ ଚାମୁଣ୍ଡା ମାଗୋ ଖଟନ୍ତି ଅପାର | ଏମାନଙ୍କୁ ସଙ୍ଗେ ଘେନି ଭ୍ରମଣ ତୋହର |୧୩|
ପୟରେ ଅଳତା ଭାଲେ ସିନ୍ଦୁରର ଚିତା | ରଙ୍ଗ ବସନରେ ତୋର ଶ୍ରୀ ଅଙ୍ଗ ଶୋଭିତା |୧୩|
ସିଂହର ପୃଷ୍ଠରେ ମାଗୋ ବିଜେ କରିଯାଉ | ଯେ ମୁଖେ(ମୁହେଁ) ପଡିଲେ ମାଗୋ ନବର୍ତ୍ତନ୍ତି ଆଉ |୧୪|
ନମସ୍ତେ ଶାରଳା ମାଗୋ ଶଙ୍କର ଭବାନୀ | ଦୟାକର ମୋତେ ମାଗୋ ଦୂର୍ଗତି ନାଶିନୀ |୧୫|
ଅଥଳ ସମୁଦ୍ରେ ମାତ ବୁଡିଲା ମୋ ଭେଳା | ଦୁସ୍ତର ପଡିଲା ମାଗୋ ଉଦ୍ଧାର ମଙ୍ଗଳା |୧୬|
ସଖା ସହୋଦର ମାଗୋ ବନ୍ଧୁ ବଳ ନାହିଁ | ବିପତ୍ତି କାଳରେ ସାହା ହୁଅ ମହାମାୟୀ |୧୭|
ବିନ୍ଧ୍ୟଗିରି ବାସିନୀ ମା ହୈମବନ୍ତସୁତା | ଏମନ୍ତ ଦ୍ୱାଦଶ ନାମ ଦେଲେ ଯେ ବିଧାତା |୧୮|
ଝଙ୍କଡେ ରହିଲୁ ନାମ ଶାରଳା ବୋଲାଇ | କାକଟପୁରେ ରହିଲୁ ମଙ୍ଗଳା ଯେ ତହିଁ (ତୁହି) |୧୯|
ଲହଲହ ଜିହ୍ୱା ମା ସିନ୍ଦୁରେ ମୁଖମଣ୍ଡି | କୋଣାରକେ ରହିଲୁ ମା ହୋଇ ରାମ ଚଣ୍ଡୀ |୨୦|
ପୁରୁଷୋତ୍ତମେ ରହିଲୁ ବିମଳା ବୋଲାଇ | ବାଙ୍କିରେ ରହିଲୁ ମାଗୋ ନାମ ଚର୍ଚ୍ଚିକାଇ |୨୧|
ସମ୍ବଲପୁରେ ରହିଲୁ (ମା) ନାମ ସମଲାଇ | ଯାଜପୁରେ ରହିଲୁ ମା ନାମ ବିରଜାଇ |୨୨|

ପଶ୍ଚିମେ ରହିଲୁ ମାତ ନାମ ହେଙ୍ଗୁଳାଇ | ଭୁବନେଶ୍ୱରେ ରହିଲୁ ଗଉରୀ ବୋଲାଇ |୨୩|

ବାଣପୁରେ ରହିଲୁମା ନାମ ଭଗବତୀ | ସକଳ ନାମରେ ତୋତେ କରନ୍ତି ଯେ ସ୍ତୁତି |୨୪|

ଉତ୍ତର ଦିଗେ ରହିଲୁ ଚଣ୍ଡୀ ନାମ ବହି | ଏମନ୍ତେ ଦ୍ୱାଦଶ ନାମ ଦାତା ଗଲେ ଦେଇ |୨୫|

ତୋହର ମହିମା ମାଗୋ କେ ପାରିବ କହି | ମାଡି ବସି ଅଛୁ ଦଶଦିଗ ମହାମାୟୀ |୨୬|

ନମସ୍ତେ ଚଣ୍ଡୀକା ତୁମେ ରୁଦ୍ରଙ୍କର ବାମା | କେ କହି ପାରିବ ମାଗୋ ତୁମ୍ଭର ମହିମା |୨୭|

ଡମ୍ବୁରୁ ମଝା ମାଗୋ ଚିତ୍ରସିଂହ ଠାଣି | ମହା ମୂର୍ତ୍ତୀ ରୂପେ ମାଗୋ ଅଟୁ ଗୋସାମଣୀ |୨୮|

ଲହ ଲହ ଜିହ୍ୱା ମାଗୋ ଘୋର ଦନ୍ତପାଟି | ନମୋ ଆଦିମାତା ତୁହି(ମାଗୋ) ବିଜେ ସିଂହ ପିଠି |୨୯|

କାତି ଯେ ଖର୍ପର ମାଗୋ ଶୋହେ ବାମକର | ଶଙ୍ଖ ଚକ୍ର ଗଦା ମାଗୋ ଆୟୁଧ ତୋହର |୩୦|

ନାନା ପୁଷ୍ପମାଳ ତୋର କୁସୁମ ଚନ୍ଦନ | କପାଳେ ସିନ୍ଦୁର ଗାର ଦିଶେ ଶୋଭାବନ |୩୧|

ନମସ୍ତେ ଶାରଳା ମାଗୋ ଚଣ୍ଡୀ ମହାମାୟୀ | ଦୁସ୍ତର ପଡିଲେ ମାଗୋ ଉଦ୍ଧାରୁ ଯେ ତୁହି |୩୨|

ତ୍ରେତୟାରେ ତୋତେ ମାଗୋ ସୁମରିଲେ ରାମ | ପ୍ରସନ୍ନ ହୋଇଣ ମାଗୋ କଲୁ ପୂର୍ଣ୍ଣ କାମ |୩୩|

ତୁମରି ଆଜ୍ଞାରେ ରାମ ଲଙ୍କା କଲେ ଜୟ | ରାବଣକୁ ମାରି ସୀତା ଆଣି ରାମ ରାୟ |୩୪|

ନମସ୍ତେ ଶାରଳା ମାଗୋ ରକ୍ଷା କର ମୋତେ | ମୁହିଁ ଅରକ୍ଷିତ ଜନ ଆଶ୍ରା କଲି ତୋତେ |୩୫|

ଯେତେବେଳେ ଯାହା ମାଗୋ କରୁଥିବି ଇଛା | ତୋ ପାଦ ସ୍ମରଣେ ପୂରୁଥିବ ମନ ବାଞ୍ଛା |୩୬|

ତୁମର ଚରଣେ ମୋର ରହୁ ମନସ୍ଥିର | କହେ ଦୀନ ହୀନ ଆଦିମାତ ଯେ ଉଦ୍ଧାର |୩୭|

---

PREPARED BY www.odia.org USING "DHWANI-UNICODE".
Encoded from http://www.youtube.com/watch?v=Tc9TOhb2Hjk
FOR CORRECTIONS: MAIL TO odiaorg@gmail.com